# BLOOD DONATION CAMP

On the occasion of Yuva Swabhimaan Diwas, Sambaad- Ama Odisha organized a blood donation camp at Gunupur Sub-divisional Hospital where around 21 units of blood were donated by different people among which around 12 units of blood were donated by the students of Gunupur College.

## ଗୁଣପୁର ଶିବିରରୁ ୨୧ ୟୁନିଟ୍ ରକ୍ତ ସଂଗୃହୀତ

ଗୁଣପୁର,୧୮/୮(ଇମିସ): ଯୁବ ସ୍ୱାଭିମାନ ଦିବସ ଅବସରରେ ରାୟଗଡ଼ା ଜିଲ୍ଲା ଗୁଣପୁର ଉପଖଣ୍ଡ ଚିକିତ୍ସାଳୟ ପରିସରସ୍ଥ ରକ୍ତ ଭଣ୍ଡାରରେ ସ୍ୱେଚ୍ଛାକୃତ ରକ୍ତଦାନ ଶିବିର ଅନୁଷ୍ଠିତ ହୋଇ ଯାଇଛି। ଉପଖଣ୍ଡ ଚିକିତ୍ସାଳୟର ଅଧୀକ୍ଷକ ଡା. ରମେଶ ଚନ୍ଦ୍ର ସାହୁ ମୁଖ୍ୟ ଅତିଥି ଏବଂ ବିଶିଷ୍ଟ ସମାଜସେବୀ ତଥା ଗାୟତ୍ରୀ ବୈଷୟିକ ମହାବିଦ୍ୟାଳୟର ଅଧ୍ୟକ୍ଷ ଅକ୍ଷୟ ଦାଶ ସମ୍ମାନିତ ଅତିଥି ଭାବେ ଯୋଗ ଦେଇ ରକ୍ତଦାନ ଶିବିରକୁ ଉଦ୍‌ଘାଟନ କରିଥିଲେ। ସମ୍ବାଦ-ଆମ ଓଡ଼ିଶା ପକ୍ଷରୁ ଆୟୋଜିତ ଏହି ସ୍ୱେଚ୍ଛାକୃତ ରକ୍ତଦାନ ଶିବିରରୁ ମୋଟ ୨୧ ୟୁନିଟ୍ ରକ୍ତ ସଂଗ୍ରହ ହୋଇଥିଲା। ଗୁଣପୁର ମହାବିଦ୍ୟାଳୟର ଏନଏସଏସ ସ୍ୱେଚ୍ଛାସେବୀ ଛାତ୍ରଛାତ୍ରୀ ଏବଂ ଭାମିନି ସ୍ଥିତ ଦ୍ୱିତୀୟ ଆଇଆରବିଏନ ଯବାନମାନେ ଶିବିରରେ ସ୍ୱେଚ୍ଛାକୃତ ଭାବେ ରକ୍ତଦାନ କରିଥିଲେ। ଗୁଣପୁର ସମ୍ବାଦ ପ୍ରତିନିଧି ଦେବୀ ପ୍ରସାଦ ମିଶ୍ରଙ୍କ ତତ୍ତ୍ୱାବଧାନରେ ଆୟୋଜିତ ଏହି ଶିବିରରେ ଗୁଣପୁର ମହାବିଦ୍ୟାଳୟର ପ୍ରଧ୍ୟାପକ ଡ. ସୂର୍ଯ୍ୟନାରାୟଣ ପଣ୍ଡା, ଅଧ୍ୟାପକ ତଥା ଏନଏସଏସ ଉପଦେଷ୍ଟା ଶଶିଭୂଷଣ ମହାନ୍ତି, ଏନଏସଏସ ପ୍ରୋଗ୍ରାମ ଅଫିସର ଅମୀୟ ରଞ୍ଜନ ମହାନ୍ତି ଏବଂ ପ୍ରୋଗ୍ରାମ ଅଫିସର ତଥା ଅଧ୍ୟାପିକା ଦେବୀଶ୍ରୀ ମହାପାତ୍ର ଉପସ୍ଥିତ ରହି ସ୍ୱେଚ୍ଛାକୃତ ରକ୍ତଦାତାଙ୍କୁ ଉତ୍ସାହିତ କରିଥିଲେ। ରକ୍ତଭଣ୍ଡାରର ଡା. ଲକ୍ଷ୍ମଣ ପାତ୍ର, ଟେକ୍ନିସିଆନ ସୁରୁଚି ରାଣୀ ପାତ୍ର, ଚନ୍ଦ୍ରଶେଖର ପାତ୍ର, ଗୌରୀ ଶଙ୍କର ବ୍ରହ୍ମା ଶିବିରରୁ ରକ୍ତ ସଂଗ୍ରହ କରିଥିଲେ। ମାନସ ରଞ୍ଜନ ମହାପାତ୍ର ଏବଂ କାଳିଆ ଶବର ଶିବିର ପରିଚାଳନାରେ ସହଯୋଗ କରିଥିଲେ।

**ରକ୍ତଦାତା ଜୀବନଦାତା:** ସୁଜିତ କୁମାର ଦାଶ, ଲକ୍ଷ୍ମଣ ସେନାପତି, ପ୍ରଭାକର ବାରିକ, ସୁବାସ କୁମାର ପରିଡ଼ା, ରାଜୀବ ଲୋଚନ ନାଥ, କ୍ଷୀର ସାଗର ମାଝୀ, ବିଜ୍ଞାନ କୁମାର ମଲ୍ଲିକ, ସାଇ ସୌରଭ ମଲ୍ଲୀଫୁଲ, ଦିଲୀପ କୁମାର ସାହୁ, ଶ୍ରୀକାନ୍ତ ପଣ୍ଡିକା, ସ୍ମୃତିମୟୀ ସାହୁ, କାଳିଆ ଶବର, ସ୍ମୃତିରେଖା ସାହୁ, ପିଣ୍ଟୁ କୁମାର ଗାଣ୍ଟା, ପେଦିନା ପବିତ୍ରା, ସୀମାଦ୍ରୀ ତରୁଣ, ସୁନୀଲ କରାଡ଼, କେ. ଅମରନାଥ, ଅମରନାଥ ଶ୍ରୀରାମ. ବଂଶୀଧର ଚୌଧୁରୀ ଏବଂ ସି.ଏଚ ସୀମାଦ୍ରୀ।



